ହରିୟାଣା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ମିସ୍ ଅଜୟ ୱାଲିଆ

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ନିଯୁକ୍ତି – 4ଟି ଖାଲିଥିବା ପଦବୀ ପୂରଣ ପାଇଁ ଅଧିଯାଚନା – ଅଧସ୍ତନ ସେବା ଚୟନ ପରିଷଦ 28 ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିବା ଏବଂ ସେମାନଙ୍କୁ ନିଯୁକ୍ତି ପାଇଁ ସୁପାରିଶ କରିବା – ଏକ ନିର୍ଦ୍ଦିଷ୍ଟ ମଣ୍ଡଳରେ ନିଯୁକ୍ତି ପାଇଁ ସୁପାରିଶ କରାଯାଇଥିବା 8 ଜଣ ପ୍ରାର୍ଥୀ – କୌଣସି ଆବଶ୍ୟକତା ନଥିବା ଦର୍ଶାଇ ମଣ୍ଡଳ ପ୍ରଭାରୀଙ୍କ ଦ୍ୱାରା ପ୍ରତ୍ୟାଗମ – ଜଣେ ପ୍ରାର୍ଥୀ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରସ୍ଥ ହେବା – ତାଙ୍କ ନିଯୁକ୍ତି ପାଇଁ ପରମାଦେଶ ଜାରି କରାଯାଇଥିଲା – ଅପିଲରେ ନିର୍ଣ୍ଣୟ ହେଲା, ପରିଷଦର ଅଧିଯାଚନା କରାଯାଇଥିବା ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶଠାରୁ ଅଧିକ ପ୍ରାର୍ଥୀଙ୍କ ସୁପାରିଶ କରିବାର କୌଣସି କ୍ଷମତା ନାହିଁ – ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ବେଆଇନ – 1982 ରେ ଚୟନ କରାଯାଇଥିଲା – 1995 ରେ ରିଟ୍ ଆବେଦନ ଦାଖଲ କରାଯାଇଥିଲା – ଅତ୍ୟଧିକ ବିଳମ୍ବ – ବାରମ୍ବାର ନିବେଦନ ରିଟ୍ ଆବେଦନ ଦାଖଲ କରିବା ପାଇଁ ନୂତନ କାର୍ଯ୍ୟବିଧିର କାରଣ ପ୍ରଦାନ କରେ ନାହିଁ ।*

*ଭାରତର ସମ୍ବିଧାନ – ଅନୁଚ୍ଛେଦ 226:*

*ରିଟ୍ ଅଧିକାରିତା କ୍ଷେତ୍ର – ଯେତେବେଳେ ଅତ୍ୟଧିକ ବିଳମ୍ବ ହୁଏ ସେତେବେଳେ ପ୍ରୟୋଗ କରାଯିବ ନାହିଁ – କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଉପସ୍ଥାପନା ରିଟ୍ ଆବେଦନ ଦାଖଲ କରିବାକୁ ନୂତନ କାର୍ଯ୍ୟାନୁଷ୍ଠାନର କାରଣ ପ୍ରଦାନ କରେ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4455/1997 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 12474/1995 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟଳୟର 15.10.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ବି.ଏସ୍. ଚହର୍ ଏବଂ ପ୍ରେମ ମଲହୋତ୍ରା ।

ଉତ୍ତରଦାତାଙ୍କ ପାଇଁ ବି.ଏସ୍. ଗୁପ୍ତା ଏବଂ ଆର୍.ଏନ୍. ବର୍ମା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଏହି ଅପିଲ ସ୍ୱତନ୍ତ୍ର ଅନୁମତି ଦ୍ୱାରା ସି ଡବ୍ଲ୍ୟୁ ପି ସଂଖ୍ୟା 12474/95 ରେ ଅକ୍ଟୋବର 15,1996 ରେ ଦିଆଯାଇଥିବା ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟଳୟର ରାୟରୁ ଉତ୍ପନ୍ନ ହୋଇଛି ।

ସ୍ୱୀକାରଯୋଗ୍ୟ ତଥ୍ୟଗୁଡ଼ିକ ହେଉଛି ଯେ, ଜୁନ୍ 1980 ରେ, ଉପପ୍ରଭାଗ କିରାଣୀଙ୍କ ଚାରୋଟି ଖାଲି ଥିବା ପଦବୀ ପୂରଣ ପାଇଁ ଜଳସେଚନ ବିଭାଗରେ ଏକ ଅଧିଯାଚନା କରାଯାଇଥିଲା । ଅଧସ୍ତନ ସେବା ଚୟନ ବୋର୍ଡ ଏହି ପଦବୀଗୁଡ଼ିକ ପାଇଁ ବିଜ୍ଞାପନ ଦେଇଥିଲା । ଚାରି ଜଣ ପ୍ରାର୍ଥୀ ଚୟନ କରିବା ପରିବର୍ତ୍ତେ, ଏହା ନଭେମ୍ବର, 1982 ରେ 28 ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରିଥିଲା ଏବଂ ସେମାନଙ୍କୁ ନିଯୁକ୍ତି ପାଇଁ ସୁପାରିଶ କରିଥିଲା । ହଥନିକୁଣ୍ଡ ସଂଗ୍ରହଣ ମଣ୍ଡଳରେ ନିଯୁକ୍ତି ପାଇଁ ଉତ୍ତରଦାତାଙ୍କ ସମେତ ଆଠଟି ପ୍ରାର୍ଥୀଙ୍କୁ ସୁପାରିଶ କରାଯାଇଥିଲା । ଅଧୀକ୍ଷଣ ଯନ୍ତ୍ରୀ ନଭେମ୍ବର 3, 1982 ରେ ଚୟନ ପରିଷଦକୁ ଏହା କହି ଏକ ପତ୍ର ଲେଖିଥିଲେ ଯେ, ସଂଗ୍ରହଣ ମଣ୍ଡଳ କୌଣସି ପ୍ରାର୍ଥୀ ନିଯୁକ୍ତି ପାଇଁ ଅଧିଯାଚନା କରିନଥିଲା ଏବଂ ସେ କୌଣସି ନିଯୁକ୍ତି ଦେଇପାରିଲେ ନାହିଁ; ସେହି ଅନୁଯାୟୀ, ସେ ନିଯୁକ୍ତି ପାଇଁ ଅନୁରୋଧକୁ ଫେରାଇ ଦେଇଥିଲେ ।

ଏହା ଜଣାପଡୁଛି ଯେ, ଉତ୍ତରଦାତା ଥରକୁ ଥର ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଆସୁଛନ୍ତି କିନ୍ତୁ ତାହା କୌଣସି ପରିଣାମ ଦେବାରେ ବିଫଳ ହୋଇଛି । ଫଳସ୍ୱରୂପ, ଉପପ୍ରଭାଗ କିରାଣୀ ପଦବୀରେ ନିଯୁକ୍ତି ପାଇଁ ପରମ ଆଜ୍ଞାଦେଶ ଜାରି କରିବାକୁ ଅନୁରୋଧ କରି ଅକ୍ଟୋବର, 1996 ରେ ରିଟ୍ ଆବେଦନ ଦାଖଲ କରାଯାଇଥିଲା । ଉଚ୍ଚ ନ୍ୟାୟଳୟ ରିଟ୍ ଆବେଦନକୁ ମଞ୍ଜୁର କରିଥିଲେ ଏବଂ ହରିୟାଣା ରାଜ୍ୟର ଯେକୌଣସି ବିଭାଗରେ ଏସ୍. ଡି. ସି. ପଦବୀରେ ଅପିଲକାରୀଙ୍କୁ ତତ୍କ୍ଷଣାତ ନିଯୁକ୍ତି ଦେବାକୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ମଧ୍ଧ 10, 000 ଟଙ୍କା ନିର୍ଦ୍ଧାରଣ କରି ଖର୍ଚ୍ଚ ପାଇଁ ଅଧିନିର୍ଣ୍ଣୟ କରିଥିଲେ । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କର ଆଦେଶକୁ ଆପତ୍ତି କରି ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ତଥ୍ୟଗୁଡ଼ିକ ଦର୍ଶାଏ ଯେ, କେବଳ ଚାରି ଜଣ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଅଧିଯାଚନା କରାଯାଇଥିଲା । ସେବା ଚୟନ ପରିଷଦର 28 ଜଣ ପ୍ରାର୍ଥୀଙ୍କୁ ଚୟନ କରିବା ଏବଂ ନିଯୁକ୍ତି ପାଇଁ ବିଭିନ୍ନ ବିଭାଗକୁ ସେମାନଙ୍କ ନାମ ସୁପାରିଶ କରିବାର କୌଣସି କ୍ଷମତା ଏବଂ ଅଧିକରିତା ନଥିଲା । ଏହି ପରିସ୍ଥିତିଗୁଡ଼ିକରେ, ଯେତେବେଳେ ହଥନିକୁଣ୍ଡ ମଣ୍ଡଳର ଅଧୀକ୍ଷଣ ଯନ୍ତ୍ରୀ ଉତ୍ତରଦାତାଙ୍କ ସମେତ ୮ ଜଣ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ଅଧିଯାଚନା କରିନଥିଲେ, ସେତେବେଳେ ସେ ଠିକ ଭାବରେ ସମ୍ମତ ହୋଇନଥିଲେ ଏବଂ ଏହା କହି ପରିଷଦକୁ ତାଲିକା ଫେରାଇ ଦେଇଥିଲେ ଯେ, ସେ କୌଣସି ନିଯୁକ୍ତି ଦେଇପାରିନଥିଲେ, କାରଣ ପୂର୍ବରୁ କାର୍ଯ୍ୟ କରୁଥିବା କାମଚଳା ଉପପ୍ରଭାଗ କିରାଣୀମାନେ ସେମାନଙ୍କ ସମାପ୍ତି ବିରୁଦ୍ଧରେ ଉଚ୍ଚ ନ୍ୟାୟଳୟରୁ ସ୍ଥଗିତାଦେଶ ପାଇଥିଲେ । ଏହି ପରିସ୍ଥିତିଗୁଡ଼ିକରେ, ଉତ୍ତରଦାତାଙ୍କୁ ନିଯୁକ୍ତ କରିବାକୁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଅନୁରୋଧ କରିବାର ନିର୍ଦ୍ଦେଶ ସ୍ପଷ୍ଟ ଭାବରେ ବେଆଇନ ଅଟେ । ଅଧିକନ୍ତୁ, ଚୟନ 1982 ରେ କରାଯାଇଥିଲା ଏବଂ 1995 ରେ ଅର୍ଥାତ ଅତ୍ୟଧିକ ବିଳମ୍ବ ପରେ ରିଟ୍ ଆବେଦନ ଦାଖଲ କରାଯାଇଥିଲା । ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦିଆଯାଇଥିବା ନିବେଦନ ରିଟ୍ ଆବେଦନ ଦାଖଲ କରିବାକୁ ତାଙ୍କୁ ନୂତନ କାର୍ଯ୍ୟାବିଧି ପ୍ରଦାନ କରେ ନାହିଁ । ଉଚ୍ଚ ନ୍ୟାୟାଳୟ ରିଟ୍ ଆବେଦନକୁ ଗ୍ରହଣ କରିବା ଏବଂ ଅନୁମତି ଦେବା ସମ୍ପୂର୍ଣ୍ଣ ଭାବରେ ଅଯୌକ୍ତିକ ଅଟନ୍ତି ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟଳୟଙ୍କ ରାୟକୁ ରଦ୍ଦ କରିଦିଆଯାଇଛି । ରିଟ୍ ଆବେଦନ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍.                                                                                   ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ